# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**28 August– 2026**

# ଜନଧନ - ୧୨ ବର୍ଷ

ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ଆଜି ୧୨ ବର୍ଷ ପୂରଣ ହୋଇଛି । ୨୦୧୪ ଅଗଷ୍ଟ ମାସ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପି.ଏମ୍. ଜନଧନ୍ ଯୋଜନାର ଶୁଭାରମ୍ଭ କରିଥିଲେ । ଅର୍ଥମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ଏହି ଯୋଜନାରେ ୫୯ କୋଟି ୯ ଲକ୍ଷ ବ୍ୟାଙ୍କ୍ ଖାତା ଖୋଲାଯାଇଛି । ଏଥିରେ ୩ ଲକ୍ଷ ୧୬ ହଜାର କୋଟିରୁ ଅଧିକ ଟଙ୍କା ଜମା କରାଯାଇଥିବା ଜଣାପଡ଼ିଛି । ବିଶ୍ୱର ସର୍ବବୃହତ ଆର୍ଥିକ ଅନ୍ତର୍ଭୁକ୍ତି ପଦକ୍ଷେପ ସ୍ୱରୂପ ପି.ଏମ୍. ଜନଧନ ଯୋଜନା ସମସ୍ତ ଭାରତୀୟଙ୍କୁ ବ୍ୟାଙ୍କ୍ ସେବା ଯୋଗାଇଦେବାରେ ସଫଳ ହୋଇଛି । ଏହି ଯୋଜନାରେ ଗ୍ରାମୀଣ ଏବଂ ଅର୍ଦ୍ଧ ସହରାଞ୍ଚଳରେ ୭୮ ପ୍ରତିଶତ ଆକାଉଣ୍ଟ ଖୋଲାଯାଇଥିବା ବେଳେ ୫୬ ପ୍ରତିଶତ ମହିଳା ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବାରେ ସକ୍ଷମ ହୋଇଛନ୍ତି ।

ଓଡ଼ିଶାରେ ଏପର୍ଯ୍ୟନ୍ତ ଏହି ଯୋଜନାରେ ୨ କୋଟି ୪୨ ଲକ୍ଷ ୩୬ ହଜାର ୪୧ଟି ବ୍ୟାଙ୍କ ଖାତା ଖୋଲାଯାଇଥିବା ବେଳେ ଏଥିରେ ୧୩ ହଜାର ୩୯୩ କୋଟିରୁ ଅଧିକ ଟଙ୍କା ଜମା ରହିଛି । ୧ କୋଟି ୭୮ ଲକ୍ଷ ୧୬ ହଜାର ୭୨୮ ଜଣ ହିତାଧିକାରୀଙ୍କୁ ରୁପେକାର୍ଡ ମଧ୍ୟ ପ୍ରଦାନ କରାଯାଇଛି ।

# ସଂସଦୀୟ ଯୁଗ୍ମ କମିଟି

ସଂସଦୀୟ ଯୁଗ୍ମ କମିଟିର ଏକ ପ୍ରତିନିଧି ଦଳ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଉଭୟ ଲୋକସଭା ଓ ରାଜ୍ୟସଭାର ସଦସ୍ୟମାନଙ୍କୁ ନେଇ ଗଠିତ ଏହି କମିଟି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ସରକାରୀ ଉଦ୍ୟୋଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ । କମିଟିରେ ୫ଜଣ ସାଂସଦ ସଦସ୍ୟ ରହିଛନ୍ତି ।

---

# ସୁଭଦ୍ରା ଯୋଜନା

ରାକ୍ଷୀପୂର୍ଣ୍ଣିମା ଅବସରରେ ଆଜି ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯିବ । ନୟାଗଡ଼ ଜିଲ୍ଲା ଲାଠିପଡ଼ା ପଡ଼ିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀମାନଙ୍କୁ ସୁଭଦ୍ରା ଯୋଜନାର ଅର୍ଥ ପ୍ରଦାନ କରିବେ। ଏହି ପର୍ଯ୍ୟାୟରେ ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ଅର୍ଥରାଶି ପ୍ରଦାନ କରାଯିବ । ଏବାବଦରେ ୫ ହଜାର ୧୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରତ୍ୟକ୍ଷ ହସ୍ତାନ୍ତର ସୁବିଧା ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ୍‌ଖାତାକୁ ପ୍ରଦାନ କରାଯିବ।

---

# ସେତୁ ପ୍ରକଳ୍ପ

୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକବର୍ଷ ମଧ୍ୟରେ ସେତୁବନ୍ଧନ ଯୋଜନାରେ ରାଜ୍ୟ ସରକାର ୩ ହଜାର ୧୬୭ଟି ସେତୁ ନିର୍ମାଣ କରିବେ । ଏହି ଯୋଜନା ପାଇଁ ୧୧ ହଜାର ୮ଶହ କୋଟି ଟଙ୍କା ଖର୍ଚ୍ଚ

କରାଯିବ । ଗ୍ରାମ୍ୟ ଉନ୍ନୟନ ବିଭାଗର ସୂଚନା ଅନୁଯାୟୀ, ଏହି ସେତୁ ବନ୍ଧନ ଯୋଜନାରେ ୧ ହଜାର ୪୧୭ଟି ଅସମାପ୍ତ ସେତୁ ପ୍ରକଳ୍ପ ଓ ୧ ହଜାର ୭୫୦ଟି ନୂତନ ସେତୁ ପ୍ରକଳ୍ପ ରହିଛି । ରାଜ୍ୟର ଗ୍ରାମାଞ୍ଚଳ ଗୁଡ଼ିକରେ ସଂଯୋଗ ବିହୀନ ରାସ୍ତାକୁ ସେତୁ ନିର୍ମାଣ ଜରିଆରେ ସବୁଦିନିଆ ସଂଯୋଗୀକରଣ ନିଶ୍ଚିତ କରିବା ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯିବ ।

---

## ଖାଦ୍ୟ ଯାଞ୍ଚ

ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗଙ୍କୁ ଖାଦ୍ୟ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରିବା ଲାଗି ଅବଗତ କରାଯାଇଛି । ରାଜ୍ୟର ୩୦ଟି ଜିଲ୍ଲା ଏବଂ ୬ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷା ଲ୍ୟାବ୍ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୩୬ଟି ଅଚଳ ଆମ୍ବୁଲାନ୍ସକୁ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷା ଲ୍ୟାବରେଟୋରୀ ଭାବେ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି । ଏହା ଜରିଆରେ ବିଭିନ୍ନ ଜିଲ୍ଲା ତଥା ସହରାଞ୍ଚଳରେ ଖାଦ୍ୟ ଅପମିଶ୍ରଣ ଯାଞ୍ଚ କରାଯିବ ।

---

## ଗହ୍ମା ପୂର୍ଣ୍ଣିମା

ପବିତ୍ର ଗହ୍ମାପୂର୍ଣ୍ଣମୀ ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ରାକ୍ଷୀ ଲାଗି ନୀତି ସହ ପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ନୀତି ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପ ପରେ ଭଉଣୀ ସୁଭଦ୍ରା ଦୁଇଭାଇ ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ରାକ୍ଷୀ ଲାଗି କରାଇବେ । ଶ୍ରୀମନ୍ଦିର ପାଟରା ବିଶୋୟୀ

ସେବକଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ରାକ୍ଷୀ ଓ ଗୁଆମାଳକୁ ସିଂହାରୀ ସେବକମାନେ ମହାପ୍ରଭୁଙ୍କୁ ଲାଗି କରାଇବାର ପରମ୍ପରା ରହିଛି । ଆଜି ମଧ୍ୟ ପ୍ରଭୁ ସୁଦର୍ଶନ ଚାରି ଆଶ୍ରମକୁ ବିଜେ କରିବେ । ମାର୍କଣ୍ଡ ପୁଷ୍କରିଣୀରେ ବଳଭଦ୍ରଙ୍କ ଜନ୍ମନୀତି ଅନୁଷ୍ଠିତ ହେବ । ନୀତି ଅନୁଯାୟୀ ମାଟିର ବଳଭଦ୍ର ପ୍ରତିମାଙ୍କୁ ପୂଜାପଣ୍ଡା ସେବକ ଜୀବନ୍ୟାସ ଦେବା ପରେ ଜାତକର୍ମ ଅନୁଷ୍ଠିତ ହେବ । ପଞ୍ଚୋପଚାର, ଶୀତଳ ମଣୋହୀ ଓ ବନ୍ଦାପନା କରାଯାଇ ବଳଭଦ୍ରଙ୍କ ମାଟିପ୍ରତିମାକୁ ମାର୍କଣ୍ଡ ପୁଷ୍କରିଣୀରେ ବିସର୍ଜନ କରାଯିବ ।

---

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କୀ ବାତ୍‌ର ୧୩୭ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱ୍ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

---

## ଇସ୍ତଫାପତ୍ର

ରାଜ୍ୟ ସରକାର ଆଇପିଏସ୍ ଅଧିକାରୀ ଜଗମୋହନ ମିନାଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି । ଶ୍ରୀ ମିନାଙ୍କ ଇସ୍ତଫାପତ୍ର କେନ୍ଦ୍ର ଗୃହମନ୍ତ୍ରଣାଳୟକୁ ପଠାଯାଇଛି । ସେ ଭୁବନେଶ୍ୱରରର ଡିସିପି ଭାବେ କାର୍ଯ୍ୟ କରୁଛନ୍ତି । ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଶ୍ରୀ ମିନା ତାଙ୍କର ୧୩ବର୍ଷର କାର୍ଯ୍ୟକାଳ ମଧ୍ୟରେ ୩ଟି ଗୁରୁତ୍ୱପୂର୍ଣ୍ଣ ପୋଲିସ୍ ପଦକ ପାଇଥିଲେ । ସେ ଗତ ଜୁଲାଇ ମାସରେ ତାଙ୍କ ଇସ୍ତଫାପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ ।

---

## ଜୟନ୍ତୀ

ସୁବର୍ଣ୍ଣପୁରରେ ମହାନଦୀ ସାହିତ୍ୟ ସଂସଦ ଓ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ଯୋଗଦେଇ କବି ଗଙ୍ଗାଧର ମେହେରଙ୍କ କାଳଜୟୀ ସାହିତ୍ୟ ଉପରେ ଆଲୋଚନା କରିଥିଲେ ।

---

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ବର୍ଷା ହେବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆଜି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।